ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)


ପତ୍ର ସଂ – ୮୩/୨୦୨୫ | ସପ୍ତାହ-୪୨ | ଶୁକ୍ରବାର, ତାରିଖ-୧୭.୧୦.୨୦୨୫

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୫ ଠାରୁ) | ୧୨୧୪.୫/୭୪ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦.୦/୦୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (°C) | .୩୧.୫ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (°C) | ୨୨.୦ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (°ସେ.) | ସର୍ବନିମ୍ନ ତାପମାତ୍ରା (°ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡ଼ିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୧୮-୧୦-୨୦୨୫ | ୦ | ୩୨ | ୨୧ | ୨ | ୮୯ | ୪୮ | ୧ | ୧୧୭ |
| | ୧୯-୧୦-୨୦୨୫ | ୨ | ୩୨ | ୨୧ | ୩ | ୮୯ | ୫୨ | ୧ | ୩୬୦ |
| | ୨୦-୧୦-୨୦୨୫ | ୪ | ୩୨ | ୨୧ | ୩ | ୯୧ | ୫୬ | ୧ | ୩୬୦ |
| | ୨୧-୧୦-୨୦୨୫ | ୫ | ୩୧ | ୨୦ | ୪ | ୯୫ | ୫୯ | ୨ | ୧୦୧ |
| | ୨୨-୧୦-୨୦୨୫ | ୨ | ୩୧ | ୨୦ | ୩ | ୯୫ | ୫୭ | ୨ | ୧୨୧ |

ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

## ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନରେ ଜିଲ୍ଲାରେ ସମାନ୍ୟ ରୁ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ଏହି ଦିନ ଗୁଡ଼ିକରେ ଆକାଶ ଆଂଶିକ ମେଘୁଆ ରହିବା ସହିତ ପବନ ଉତ୍ତର ରୁ ଦକ୍ଷିଣ-ପୂର୍ବ ଦିଗ ଆଡୁ ଘଣ୍ଟା ପ୍ରତି ୦୧ ରୁ ୦୨ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ୩୧ ରୁ ୩୨ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୦ ରୁ ୨୧ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୯ ରୁ ୯୫ % ଓ ୪୮ ରୁ ୫୯ % ରହିବ ବୋଲି ଆଶଙ୍କା ରହିଛି ।

**ଚେତାବନୀ :** ନାହିଁ (ଆସନ୍ତାକାଲି ସକାଳ ୮.୩୦ ପର୍ଯ୍ୟନ୍ତ ବୈଧ) ।

## ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଦ୍ବାରା ପ୍ରସ୍ତୁତ ଓଡ଼ିଶାରେ ଆଗାମୀ ଦୁଇ ସପ୍ତାହ ପାଇଁ ପାଣିପାଗ ପୂର୍ବାନୁମାନ:

- **ପ୍ରଥମ ସପ୍ତାହ (୧୭ ଅକ୍ଟୋବର ରୁ ୨୩ ଅକ୍ଟୋବର):** ଭାରତ ପାଣିପାଗ ବିଭାଗର ସମ୍ପ୍ରସାରିତ ପୂର୍ବାନୁମାନ ଅନୁସାରେ ଆସନ୍ତା ପ୍ରଥମ ସପ୍ତାହରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ଥାନରେ ବଜ୍ରପାତ ସହିତ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଓଡ଼ିଶାର ଅଧିକାଂଶ ଜିଲ୍ଲା ଗୁଡ଼ିକରେ ଦିନର ସର୍ବାଧିକ ତାପମାତ୍ରା ୩୨ ରୁ ୩୪ ଡ଼ିଗ୍ରୀ. ସେ. ଏବଂ ରାତିର ସର୍ବନିମ୍ନ ତାପମାତ୍ରା ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ୨୦ ରୁ ୨୨ ଡ଼ିଗ୍ରୀ. ସେ. ଏବଂ ଉପକୂଳବର୍ତ୍ତୀ ତଥା ତତ୍ ସଂଲଗ୍ନ ଜିଲ୍ଲାମାନଙ୍କରେ ୨୨ ରୁ ୨୪ ଡ଼ିଗ୍ରୀ. ସେ. ରହିବାର ସମ୍ଭାବନା ରହିଛି।
- **ଦ୍ବିତୀୟ ସପ୍ତାହ (୨୪ ଅକ୍ଟୋବର ରୁ ୩୦ ଅକ୍ଟୋବର):** ଆସନ୍ତା ଦ୍ବିତୀୟ ସପ୍ତାହରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ଥାନରେ ବଜ୍ରପାତ ସହିତ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଓଡ଼ିଶାର ଅଧିକାଂଶ ଜିଲ୍ଲା ଗୁଡ଼ିକରେ ଦିନର ସର୍ବାଧିକ ତାପମାତ୍ରା ୩୨ ରୁ ୩୪ ଡ଼ିଗ୍ରୀ. ସେ. ଏବଂ ରାତିର ସର୍ବନିମ୍ନ ତାପମାତ୍ରା ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ୨୦ ରୁ ୨୨ ଡ଼ିଗ୍ରୀ. ସେ. ଏବଂ ଉପକୂଳବର୍ତ୍ତୀ ତଥା ତତ୍ ସଂଲଗ୍ନ ଜିଲ୍ଲାମାନଙ୍କରେ ୨୨ ରୁ ୨୪ ଡ଼ିଗ୍ରୀ. ସେ. ରହିବାର ସମ୍ଭାବନା ରହିଛି।

  ଆସନ୍ତା ଅକ୍ଟୋବର ୨୪ ତାରିଖ ଆଡ଼କୁ ଦକ୍ଷିଣ ପୂର୍ବ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ଏବଂ ପରେ ତାହା ଅଧିକ ଘନୀଭୂତ ହୋଇ ଉତ୍ତର ପଶ୍ଚିମ ଦିଗ ଆଡ଼କୁ ଅଗ୍ରସର ହେବାର ଆଶଙ୍କା ରହିଛି।

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

- ଭାରତ ପାଣିପାଗ ବିଭାଗ ଦ୍ବାରା ପ୍ରଦତ୍ତ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ ଆଧାରରେ, ଚାଷୀ ଭାଇ ଓ ଭଉଣୀ ମାନେ ଘାସ ବଛା, ହୁଡା ଟେକା ଏବଂ ସାର ଓ କୀଟନାଶକ ର ପ୍ରୟୋଗ ଆବଶ୍ୟକ ସ୍ଥଳେ କରିପାରିବେ ।
- ପନିପରିବା ଫସଲରେ ଭୂତାଣୁ (Virus) ଦ୍ୱାରା ଆକ୍ରାନ୍ତ ହେଇଥିବା ଗଛ ଗୁଡ଼ିକୁ ଚିହ୍ନଟ କରି ତାକୁ ମୂଳରୁ ଉପାଡ଼ି ଦୂରରେ ମାଟି ତଳେ ପୋତି ଦେବା ଉଚିତ।
- ବର୍ତ୍ତମାନ ସୋରିଷ, ରାଇ, ସୂର୍ଯ୍ୟମୁଖୀ, ମଟର, ମୂଳା, ଗାଜର ଆଦି ଚାଷ ନିମନ୍ତେ ମଞ୍ଜି ବୁଣିବା ପାଇଁ ଉପଯୁକ୍ତ ସମୟ ଅଟେ। ତେଣୁ ଇଚ୍ଛୁକ ଚାଷୀ ଭାଇ ଓ ଭଉଣୀମାନେ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ ।


**Email:** aas.bhawanipatna@gmail.com, **Web Portal:** https://ouat.ac.in/quick-links/agro-advisory-services/ @ amfukalahandi

- ରବି ଫସଲ ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରି ଦିଅନ୍ତୁ। ବନ୍ଧ, ନାଳ, ଚାଷ ହେଇନଥିବା ଜମି ଓ ଜମି କୁ ଯିବା ରାସ୍ତା ରେ ଘାସ ବାଛି ସମସ୍ତ ଜାଗା ସଫା କରନ୍ତୁ।ଫସଲ ହେଇଥିବା ଜମିରେ ଅନାବନା ଘାସ ବାଛି ଦିଅନ୍ତୁ ।
- ଶସ୍ୟ ଜାତୀୟ ଫସଲ ଯଥା ମୁଗ, ବିରି, ମସୁର ଆଦି ପାଚି ଯାଇଥିବା ଧାନ ଜମିରେ ଧାନ କାଟିବାର ୭ ଦିନ ପୂର୍ବରୁ ଛିଡ଼ା ହେଇଥିବା ଧାନ ଜମିରେ ବୁଣି ପାରିବେ ଯଦ୍ବାରା ମାଟିରେ ଥିବା ବତର ର ସଠିକ୍ ଉପଯୋଗ ହେଇପାରିବ।

| ସଂକ୍ଷିପ୍ତ ବାର୍ତା | କପା ଗଛ ଓ ବକରାର ଉତ୍ତମ ଅବିବୃଦ୍ଧି ପାଇଁ ୧୦ ଲିଟର ପାଣିରେ ୨୦ ଗ୍ରାମ ଏନ.ପି.କେ ୧୯:୧୯:୧୯ ସାରକୁ ମିଶାଇ ସିଂଚନ କରନ୍ତୁ । |
|---|---|
| **ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ** | |
| **ଫସଲ (ଅବସ୍ଥା)** | **ପରାମର୍ଶ** |
| **କ୍ଷେତ୍ର ଫସଲ** | |
| **ଖରିଫ ଧାନ**<br>(ମଞ୍ଜି ପୂର୍ତି/ପାକଳ ଅବସ୍ଥା) | ସଅଳ ପାଚିଲା ଧାନ କିସମ ଶତକଡ଼ା ୮୦ ରୁ ୮୫ ଭାଗ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ। ଅମଳ ପରେ ଧାନକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ। ବିହନ ପାଇଁ ୧୨% ଓ ଖାଇବା ଉପଯୋଗୀ ପାଇଁ ୧୪% ଆର୍ଦ୍ରତା ଧାନରେ ରହିବା ଆବଶ୍ୟକ।<br>**ରୋଗ ଓ ପୋକ ପରିଚାଳନା:**<br>**ମାଟିଆ ଗୁଣ୍ଡି ପୋକ:** ବର୍ତ୍ତମାନ୍ ଅବସ୍ଥାରେ ମାଟିଆଗୁଣ୍ଡି ପୋକର ଉପସ୍ଥିତି ଦେଖାଦେଇ ପାରେ। ଯଦି ପୋକ ସଂଖ୍ୟା ବୁଦା ପ୍ରତି ୫-୧୦ ଟି ଦେଖାଯାଏ ତେବେ ଜମିରେ ଦୀର୍ଘ ସମୟ ଠିଆ ପାଣି ନରଖି କାଟି ଦିଅନ୍ତୁ ଏବଂ ପୁଣି ଭର୍ତ୍ତି କରନ୍ତୁ। ଏହାପରେ ବି ଯଦି ପୋକ ଦେଖାଯାଏ ତେବେ ଏକର ପିଛା ୧୨୦ ଗ୍ରାମ ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି କିମ୍ବା ୮୦ ଗ୍ରାମ ଡିନୋଟେଫ୍ୟୁରନ୍ ୨୦% ଏସ୍.ଜି କିମ୍ବା ୫୦ ମି.ଲି ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍ କିମ୍ବା ୪୦୦ ଗ୍ରାମ ବୁପ୍ରୋଫେଜିନ୍ ୨୦% + ଏସିଫେଟ୍ ୫୦% ଡବ୍ଲୁ.ପି କିମ୍ବା ୬୦ ଗ୍ରାମ ଫ୍ଲୋନିକାମିଡ୍ ୫୦% ଡବ୍ଲୁ.ଜି କୁ ୨୦୦ ଲିଟର ପାଣିରେ ମିଶ୍ରଣ କରି ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। ପୋକ ଲାଗିଥିବା ସମୟରେ ଜମିରେ ଯବକ୍ଷାରଜାନ ଯୁକ୍ତ ସାର ପ୍ରୟୋଗ କରନ୍ତୁ ନାହିଁ । ଜମିରେ ଔଷଧ ସର୍ବଦା ଉପଯୁକ୍ତ ସମୟରେ ଏବଂ ସଠିକ୍ ମାତ୍ରାରେ ପ୍ରୟୋଗ କରନ୍ତୁ।<br>▪ **ବେକ ଷଣ୍ଢା ମହିଷା ରୋଗ:** ନିରାକରଣ ପାଇଁ ପ୍ରତି ୫ ଲିଟର ପାଣିରେ ୨ ଗ୍ରାମ୍ ଟେବୁକୋନାଜୋଲ୍ ୫୦ % + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫ % ଡବ୍ଲୁ.ଜି. କିମ୍ବା ପ୍ରତି ୧ ଲିଟର ପାଣିରେ ୨ ମି.ଲି ହେକ୍ସାକୋନାଜୋଲ୍ କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>▪ **ସାଆରା ରୋଗ:** ପ୍ରତିକାର ପାଇଁ ପ୍ରତି ଏକ ଲିଟର ପାଣିରେ ୨ ଗ୍ରାମ କପର ହାଇଡ୍ରୋଅକ୍ସାଇଡ୍ ୭୭% କିମ୍ବା ୨ ଗ୍ରାମ ଟେବୁକୋନାଜୋଲ ୨୫% କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। ସାତ ଦିନ ଅନ୍ତରରେ ପୁନର୍ବାର ସିଞ୍ଚନ କରନ୍ତୁ। |
| **କପା**<br>(ବକରା ଅବିବୃଦ୍ଧି ରୁ ଫୁଟିବା ଅବସ୍ଥା) | ▪ କପା ଫୁଟିବା ଆରମ୍ଭ ହୋଇ ଥିବାରୁ ସମ୍ପୂର୍ଣ ଫୁଟିଥିବା ବକରାରୁ କପା ତୋଳନ୍ତୁ ।<br>▪ ତୋଳିଥିବା କପାକୁ ସିମେଣ୍ଟ ଚଟାଣ କିମ୍ବା ତାରପଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେପରିକି ଏହାର ଆଦ୍ରତା ୮ -୧୦ % ଭିତରେ ରହିବ। ଭଲ ଦାମରେ ବିକ୍ରି ହେବା ପାଇଁ ପ୍ରଥମେ ତୋଳା ଯାଇଥିବା କପାକୁ ଅଲଗା କରି ସାଇତି ରଖନ୍ତୁ<br>▪ କପା ଗଛ ଓ ବକରାର ଭଲ ଅବିବୃଦ୍ଧି ପାଇଁ ୧୦ ଲିଟର ପାଣିରେ ୨୦ ଗ୍ରାମ ଏନ.ପି.କେ ୧୯:୧୯:୧୯ ସାରକୁ ମିଶାଇ ସିଂଚନ କରନ୍ତୁ ।<br>▪ କପା ଫସଲରେ ଲାଗୁଥିବା ରୋଗ ଓ ପୋକର ଉପସ୍ଥିତି ଜାଣିବା ପାଇଁ ନିୟମିତ ସର୍ବେକ୍ଷଣ କରନ୍ତୁ।<br>**ରୋଗ ଓ ପୋକ ପରିଚାଳନା:**<br>▪ **ଆମେରିକୀୟ ବକରା ବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ଏକର ପିଛା ୨ ଟି ଫେରୋମୋନ ଟ୍ରାପ୍ ଲଗାନ୍ତୁ । ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୫ ଗ୍ରାମ ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ ଏସ୍.ଜି କିମ୍ବା ୨୦ ମିଲିଗ୍ରାମ ପ୍ରଫେନୋଫୋସ୍ ୫୦ ଇ.ସି କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ **ପାଉଁଶିଆ ରୋଗ ଏବଂ ବୀଜାଣୁ ଜନିତ ପତ୍ରପୋଡା ରୋଗ:** ପ୍ରତିକାର ପାଇଁ ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରା. ପ୍ଲାଣ୍ଟୋମାଇସିନ୍ ସହିତ ୨୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>▪ **ମୂଳ ସଢ଼ା ଓ ଝାଉଁଳା ରୋଗ:** ପ୍ରତିକାର ପାଇଁ ଏକର ପ୍ରତି ୪୦୦ ଗ୍ରାମ କାର୍ବେନଡାଜିମ୍ ୫୦% ଡବ୍ଲୁ.ପି କୁ ୨୦୦ ଲିଟର ପାଣିରେ ମିଶ୍ରଣ କରି ଗଛ ମୂଳରେ ଥିବା ମାଟିକୁ ଭିଜାଇ ଦିଅନ୍ତୁ।<br>▪ **କାଣ୍ଡ ବିନ୍ଧା/ଗଣ୍ଠି ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ୧୦ ଲିଟର ପାଣିରେ ୨୫ ମି.ଲି କ୍ଲୋରପାଇରିଫୋସ୍ ୨୦% ଇ.ସି କିମ୍ବା ୨୦ ମି.ଲି |

| | |
|---|---|
| | କୁଇନାଲଫୋସ୍ ୨୯% ଏ.ଏଫ୍ କିମ୍ବା ୨୦ ମି.ଲି ପ୍ରୋଫେନୋଫୋସ୍ ୫୦% ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>▪ **ପତ୍ର ଚିତା/ଦାଗ ଏବଂ ବକରା ସଢା ରୋଗ :** ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ (କାର୍ବେନ୍ଡାଜିମ୍ ୧୨% + ମାଙ୍କୋଜେବ ୬୩%) କିମ୍ବା୨.୫ ରୁ ୩ ଗ୍ରାମ ପ୍ରୋପିନେବ୍ ୭୦% ଡବ୍ଲୁ.ପି କିମ୍ବା ୧ ମି.ଲି ପ୍ରୋପିକୋନାଯୋଲ୍ ୨୫% ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| **ରାଇ ଓ ସୋରିଷ**<br>(ବୁଣିବା ପୂର୍ବ ଅବସ୍ଥା) | ▪ ଅକ୍ଟୋବର ୧୫ ରୁ ନଭେମ୍ବର ୧୫ ରାଇ ଓ ସୋରିଷ ବୁଣିବା ପାଇଁ ଉପଯୁକ୍ତ ସମୟ ଅଟେ। ମଞ୍ଜି ବୁଣିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୨.୫ ଗ୍ରାମ ଥିରମ୍ କିମ୍ବା ୨ ଗ୍ରାମ ବାଭିଷ୍ଟିନ୍ ସହିତ ମିଶାଇ ବିହନ ବିଶୋଧନ କରନ୍ତୁ ।<br>▪ ଏକର ପ୍ରତି ୨.୫ ରୁ ୩ କି.ଗ୍ରା. ରାଇ ଓ ୧.୫ ରୁ ୨.୦ କିଲୋଗ୍ରାମ ସୋରିଷ ମଞ୍ଜି ଆବଶ୍ୟକ।<br>▪ ଉପଯୁକ୍ତ କିସମ - ରାଇ - ପୁସା ବୋଲ୍ଡ, ପୁସା ଜୈକିସନ୍, ଯେ.ଡି-୬ . ସୋରିଷ - ଏମ ୨୭, ଅନୁରାଧା, ପାର୍ବତୀ |
| **ସୂର୍ଯ୍ୟମୁଖୀ**<br>(ବୁଣିବା ପୂର୍ବ ଅବସ୍ଥା) | ▪ ନଭେମ୍ବର ମଧ୍ୟ ଭାଗ ସୁଦ୍ଧା ବୁଣା କାର୍ଯ୍ୟ ସାରି ଦିଅନ୍ତୁ। ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ ବିହନ ସହିତ ୧.୫ ଗ୍ରାମ ଭିଟାଭାକ୍ସ ପାଓ୍ୱାର (କର୍ବୋକ୍ସିନ+ଥିରାମ ) ଅଥବା ୫ ଗ୍ରାମ ମେଟାଲାକ୍ସିଲ୍ ମିଶାଇ ବିହନ ବିଶୋଧନ କରନ୍ତୁ।<br>▪ ଏକର ପିଛା ବିହନ ପରିମାଣ - **ସାଧାରଣ କିସମ** - ୪ କିଲୋଗ୍ରାମ, **ଶଙ୍କର କିସମ** - ୨ କିଲୋଗ୍ରାମ<br>▪ ଉପଯୁକ୍ତ କିସମ - **ସାଧାରଣ କିସମ:** ମଡର୍ନ, ଟିଏନଏୟୁଏସୟୁଏଫ୍ -୭, ଡିଆରଏସଏଫ୍ -୧୦୮(୯୦ ଦିନ), **ଶଙ୍କର କିସମ:** ପିଏସି ୩୬, କେବିଏସଏଚ ୧, ଏମଏସଏଫ୍ଏଚ ୮, ଏମଏସଏଫ୍ଏଚ ୧୭ (୯୫-୧୧୦ ଦିନ) |
| **ଉଦ୍ୟାନ କୃଷି** | |
| **କୋବି ଜାତୀୟ ପନିପରିବା (ଫୁଲକୋବି, ପତ୍ରକୋବି, ବ୍ରୋକୋଲି)**<br>(ବୁଣିବା ପୂର୍ବ ଅବସ୍ଥା/ନର୍ସରୀ) | ▪ ଉପଯୁକ୍ତ କିସମ:<br>▪ **ଫୁଲକୋବି (୬୦ ରୁ ୭୫ ଦିନ)-ଉନ୍ନତ କିସମ:** ପୁସା ଇଅର୍ଲି ସିନ୍ଥେଟିକ୍, ଇଅର୍ଲି କୁଆଁରୀ, କାର୍ତ୍ତିକ, ପୁସା ଦିପାଲି, ଅର୍କ କ୍ରାନ୍ତି, ଅର୍କ ସୁରଥ୍ , **ସଙ୍କର କିସମ:** ଶ୍ୱେତା, ପୁଷ୍ପଗିରି, ତୁଷାର ଗୁଡ଼ ମ୍ୟାନ୍ ଇତ୍ୟାଦି।<br>▪ **ବନ୍ଧାକୋବି (୬୦ ରୁ ୭୫ ଦିନ)- ଉନ୍ନତ କିସମ:** ଗୋଲ୍ଡେନ ଏକର, ପ୍ରାଇଡ୍ ଅଫ ଇଣ୍ଡିଆ, ପୁସା ସମ୍ବନ୍ଧ, **ସଙ୍କର କିସମ:** ଗ୍ରୀନ ବଲ୍, ପ୍ରିୟା, ଜେନିଥ ଗୋଲ୍ଡ ଷ୍ଟାର, ପ୍ରଗତି ଇତ୍ୟାଦି।<br>▪ **ବ୍ରୋକୋଲି - ଉନ୍ନତ କିସମ:** ଗ୍ରୀନ ମାଉଣ୍ଟେନ୍, କୋଷ୍ଟାଲ୍, ପାଲମ୍ ସଂବ୍ରୀଦ୍ଧି, ପୁସା କେଟିଏସ୍-୧, **ସଙ୍କର କିସମ:** ଉଇ ଗ୍ରୀନ, ପ୍ୟାକ୍ ମ୍ୟାନ, ୟୁନିଭର୍ସାଲ ଇତ୍ୟାଦି। |
| **ଟମାଟୋ**<br>(ବୁଣିବା ପୂର୍ବ ଅବସ୍ଥା/ ନର୍ସରୀ) | ▪ ନର୍ସରୀ ବେଡ୍ ପ୍ରସ୍ତୁତି ପ୍ରଣାଳୀ: ତଳି ପ୍ରସ୍ତୁତ କରିବା ପାଇଁ ୩ ମିଟର ଲମ୍ବ, ୧ ମିଟର ଓସାର ଓ ୧୫-୨୦ ସେ.ମି ଉଚ୍ଚତା ବିଶିଷ୍ଟ ପଟାଳି ମାନ ପ୍ରସ୍ତୁତ କରନ୍ତୁ। ମଞ୍ଜି ବୁଣିବାର ସାତ ଦିନ ପୂର୍ବରୁ ପ୍ରତି ପଟାଳି ପିଛା ୧୫ ରୁ ୩୦ କିଲୋଗ୍ରାମ ସଢା ଗୋବର ଖତ ଓ ୧୫୦ ଗ୍ରାମ କ୍ଲୋରୋପାଇରିଫୋସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏକ ଏକର ଚାଷ ପାଇଁ ଉନ୍ନତ କିସମ ମଞ୍ଜି ୨୦୦ ଗ୍ରାମ ଏବଂ ୫୦-୧୦୦ ଗ୍ରାମ୍ ସଙ୍କର କିସମ ମଞ୍ଜି ଏବଂ ୫୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ଆବଶ୍ୟକ ହୋଇଥାଏ । ଝାଉଁଳା ରୋଗର ପ୍ରତିଷେଧକ ରୂପେ ନର୍ସରୀ ବେଡ୍ କୁ ମଞ୍ଜି ବୁଣିବା ପୂର୍ବରୁ ଟ୍ରାଇକୋଡରମା ଭିରିଡେ ୧.୫% ଡବ୍ଲୁ.ପି କୁ ବର୍ଗ ମିଟର ପିଛା ୫୦ ଗ୍ରାମ ହିସାବରେ ପ୍ରୟୋଗ କରନ୍ତୁ।<br>▪ ଉପଯୁକ୍ତ କିସମ: ଉତ୍କଳ ପ୍ରଜ୍ଞା, ଉତ୍କଳ ରାଜା, ଉତ୍କଳ କୁମାରୀ, ଉତ୍କଳ ପଲ୍ଲଭି, ଉତ୍କଳ ଦୀପ୍ତି, ଉତ୍କଳ ଉର୍ବଶୀ, ପୁସା ଶୀତଲ, ଅର୍କ ଆଭା, ଅର୍କ ଅଭିଜିତ, ସ୍ୱର୍ଣ୍ଣ ସମ୍ପଦ ଇତ୍ୟାଦି। |
| **ପିଆଜ**<br>(ବୁଣିବା ପୂର୍ବ ଅବସ୍ଥା) | ▪ ନର୍ସରୀ ବେଡ୍ ପ୍ରସ୍ତୁତି ପ୍ରଣାଳୀ: ତଳି ପ୍ରସ୍ତୁତ କରିବା ପାଇଁ ୩ ମିଟର ଲମ୍ବ, ୧ ମିଟର ଓସାର ଓ ୧୫-୨୦ ସେ.ମି ଉଚ୍ଚତା ବିଶିଷ୍ଟ ପଟାଳି ମାନ ପ୍ରସ୍ତୁତ କରନ୍ତୁ। ମଞ୍ଜି ବୁଣିବାର ସାତ ଦିନ ପୂର୍ବରୁ ପ୍ରତି ପଟାଳି ପିଛା ୧୫ ରୁ ୩୦ କିଲୋଗ୍ରାମ ସଢା ଗୋବର ଖତ ଓ ୧୫୦ ଗ୍ରାମ କ୍ଲୋରୋପାଇରିଫୋସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏକ ଏକର ଚାଷ ପାଇଁ ୪-୫ କିଲୋଗ୍ରାମ ମଞ୍ଜି ଏବଂ ୫୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ଆବଶ୍ୟକ ହୋଇଥାଏ। ଝାଉଁଳା ଓ ମୂଳସଢା ରୋଗର ପ୍ରତିଷେଧକ ରୂପେ ମଞ୍ଜି ବୁଣିବା ପୂର୍ବରୁ  କୁ ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ୍ ଓ ୧୦ ଗ୍ରାମ କର୍ବେନଡାଜିମ୍ କୁ ମିଶ୍ରଣ କରି ନର୍ସରୀ ପାଇଁ ପ୍ରସ୍ତୁତ ପଟାଳି କୁ ଭିଯାଇ ଦିଅନ୍ତୁ।<br>▪ ଉପଯୁକ୍ତ କିସମ: ଏଗ୍ରୀ ଫାଉଣ୍ଡ ଲାଇଟ୍ ରେଡ୍, ଭୀମା ସୁପର, ଭୀମା ରେଡ୍, ଭୀମା ଶକ୍ତି ଇତ୍ୟାଦି। |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | |
| **ଗାଈ ଓ ମଇଁଷି** | ▪ ବର୍ତ୍ତମାନ ସକାଳର କାକର ଓ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଗାଈ ଓ ମଇଁଷି ରହୁଥିବା ସ୍ଥାନକୁ ପଲିଥିନ କିମ୍ବା ଅଖା ଦ୍ୱାରା ଆବୃତ କରନ୍ତୁ । |


**Email:** aas.bhawanipatna@gmail.com, **Web Portal:** https://ouat.ac.in/quick-links/agro-advisory-services/ @ amfukalahandi

| | |
|---|---|
| | ▪ ଶରୀର ଉଷ୍ମତା ବଢ଼ାଇବାକୁ ଶୁଖିଲା ଖାଦ୍ୟର ଆହାର ବଢ଼ାନ୍ତୁ।<br>▪ FMD ଓ HS ଟିକାକରଣ ସମୟରେ କରାନ୍ତୁ। |
| **ଛେଳି ଓ ମେଣ୍ଢା** | ▪ ଛେଳି ମାନଙ୍କୁ ଥଣ୍ଡା ଓ ଓଦା ଭୁଇଁରୁ ବଞ୍ଚାଇବା ପାଇଁ ଉଚ୍ଚା ଓ ଶୁଖିଲା ଛାଉଣୀରେ ରଖନ୍ତୁ।<br>▪ ଶକ୍ତି-ସମୃଦ୍ଧ ଖାଦ୍ୟ (ଯେପରିକି ଶସ୍ୟ, ଡାଲିଯୁକ୍ତ ଚାରା ) ସହ ପୂରକ ଆହାର ଦିଅନ୍ତୁ।<br>▪ ବର୍ଷାପରେ କୃମିନାଶକ ଅତ୍ୟନ୍ତ ଆବଶ୍ୟକ। |
| **କୁକୁଡ଼ା** | ▪ ଶୁଖିଲା ଚଷୁ ବା କରତ ଗୁଣ୍ଡର 4-6 ଇଞ୍ଚ ମୋଟା ଲିଟର ବ୍ୟବହାର କରନ୍ତୁ।<br>▪ ଅମୋନିଆ ସଂଚୟ ରୋକିବା ପାଇଁ ମଝିରେ ମଝିରେ ଓଦାଳିଆ ଲିଟର ବଦଳାନ୍ତୁ।<br>▪ ରାଣୀଖେତ (Newcastle disease) ଓ ଫାଉଲ୍ ପକ୍ସ ବିରୁଦ୍ଧରେ ଟିକାକରଣ ନିଶ୍ଚିତ କରନ୍ତୁ। |

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକାୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**